ISSN -2583-147X(P), **Vol.- 8, Issue No. I, April 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସତ୍ୟ, ଅହିଂସା ଓ ସହିଷ୍ଣୁତା ମନ୍ତ୍ରରେ ଅଭିସିଞ୍ଚ ଗାନ୍ଧୀ

## ମୀରା ବେଉରା

ଥରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ କହିଥିଲେ- "ଭବିଷ୍ୟତର ବଂଶଧରମାନେ କ୍ୱଚିତ୍ ବିଶ୍ୱାସ କରିବେ ଯେ, ରକ୍ତମାଂସଧାରୀ ଏଭଳି ଜଣେ ମାନବ ଏକଦା ଏ ଧରାପୃଷ୍ଠରେ ବିଚରଣ କରିଥିଲେ ।"

ସତରେ ଊନବିଂଶ ଶତାବ୍ଦୀରେ ଜନ୍ମଲାଭ କରି ଯେଉଁ ଯୋଗଜନ୍ମା ମହାପୁରୁଷମାନେ ନିଜ ଦେଶ ପାଇଁ, ଜାତି ପାଇଁ, ରାଷ୍ଟ୍ର ପାଇଁ ଗୌରବ ଆଣି ସମଗ୍ର ବିଶ୍ୱର ରାଜନୀତିକୁ ପ୍ରଭାବିତ କରି ନିଜ ଜୀବନ ଦର୍ଶନ ଦ୍ୱାରା ଗଭୀରଭାବେ ସମଗ୍ର ବିଶ୍ୱକୁ ଆଲୋଡନ କରି ଏକ ବିସ୍ମୟ ସୃଷ୍ଟି କରିଥିଲେ ଏବଂ ଗୋଟିଏ ନୂତନ ସ୍ୱାଧୀନ ଭାରତ ସୃଷ୍ଟି କରିବାକୁ ସଂକଳ୍ପବଦ୍ଧ ଥିଲେ ସେମାନଙ୍କ ମଧ୍ୟରେ ନୀତିନିଷ୍ଠ ଯୁଗସ୍ରଷ୍ଟା, ଦେଶପ୍ରେମୀ, ତ୍ୟାଗୀ, ସତ୍ୟ, ଅହିଂସାର ପୂଜାରୀ, ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧୀ । ୧୮୬୯ ମସିହା ଅକ୍ଟୋବର ମାସ ୨ ତାରିଖରେ ଗୁଜୁରାଟର କାଠିଆୱାଡ଼ ଜିଲ୍ଲାର ପୋରବନ୍ଦରଠାରେ ପିତା କରମଚାନ୍ଦ ଗାନ୍ଧୀ ଓ ମାତା ପୁତୁଳିବାଈଙ୍କଠାରୁ ଜନ୍ମଲାଭ କରିଥିଲେ । ବାରମ୍ବାର ଜୀବନ ଯୁଦ୍ଧରେ ପରୀକ୍ଷା ଦେଇ ମଧ୍ୟ ଝୁଣ୍ଟି ନଥିବା ମଣିଷ ଥିଲେ ଗାନ୍ଧୀ । ନିଜର ବିଚାରଧାରା, ସତ୍ୟ, ଅହିଂସା ନୀତି, ତ୍ୟାଗ, ଦେଶପ୍ରେମ ଦ୍ୱାରା ଆଜି ତାଙ୍କର ୧୫୦ତମ ଜୟନ୍ତୀ ଉତ୍ସବରେ ପ୍ରତିଟି ହୃଦୟରେ ସ୍ମରଣୀୟ ପ୍ରତିଭା ଏବଂ ବିରଳ ବ୍ୟକ୍ତିତ୍ୱ ହୋଇ ରହିଛନ୍ତି ।

ଗାନ୍ଧୀ ଯେତେବେଳେ ଭାରତୀୟ ବ୍ୟବସାୟୀଙ୍କୁ ଆଇନଗତ ସହାୟତା ଦେବା ପାଇଁ ଦକ୍ଷିଣ ଆଫ୍ରିକା ଯାତ୍ରା କରିଥିଲେ ଏବଂ ପ୍ରଥମ ଶ୍ରେଣୀ ରେଳଯାତ୍ରା କରିଥିଲାବେଳେ, ବର୍ଣ୍ଣବୈଷମ୍ୟବାଦ, ଗୋରାକଳା ଭେଦଭାବର ଶିକାର ହୋଇଥିଲେ, ଯାହା ଅତ୍ୟନ୍ତ ଦୁଃଖର କଥା । ତାଙ୍କର ଯାତାୟାତର ପ୍ରମାଣପତ୍ର ଥିବା ସତ୍ତ୍ୱେ ତାଙ୍କୁ ପିଟର୍ସବର୍ଗ ରେଳଷ୍ଟେସନ୍‌ରେ ଧକ୍କା ମାରି ତଳକୁ ଓହ୍ଲାଇ ଦିଆଯାଇଥିଲା । ଯାହାଥିଲା ଅତ୍ୟନ୍ତ ଅପମାନ ଓ ଲଜ୍ଜାର କଥା । ବିନା ଆଲୁଅରେ ବିନା ପାଣିରେ ବିନା ବସ୍ତ୍ରରେ ଶୀତ କାକର ରାତିରେ ନିର୍ଜନରେ ସେଇଠି ତାଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ସେଇଠି ସେହି ମୁହୂର୍ତ୍ତରେ ଗାନ୍ଧୀ ଗୋଟିଏ ବଜ୍ର ଶପଥ ନେଇଥିଲେ । ଆଖିରେ ଥିଲା ଅଗ୍ନିର ଜ୍ୱାଳାମୁଖୀ ନିଷ୍ପ୍ରଭ ହେଉନଥିବା ଅଭିମାନଭରା ଶପଥ, ଯାହା ସେ ଦିନ ଗାନ୍ଧୀଙ୍କୁ ଭବିଷ୍ୟତରେ ମହାତ୍ମାଗାନ୍ଧୀ ରୂପେ ସମଗ୍ର ବିଶ୍ୱରେ ପରିଚୟ ଦେଇଥିଲା । ଯେଉଁ ଅମରଆତ୍ମା ଗାନ୍ଧୀ ସତ୍ୟ, ଅହିଂସା ଓ ସହିଷ୍ଣୁତାକୁ ପାଥେୟ କରି ନିଜର ସମଗ୍ର ଜୀବନକୁ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ପାଇଁ ବଳି ଚଢ଼ାଇ ଦେଇଥିଲେ ସେ ଥିଲେ ମହାତ୍ମାଗାନ୍ଧୀ । ଜୀବନର ପ୍ରତି ମୁହୂର୍ତ୍ତରେ ଭେଟିଥିଲେ ପ୍ରତିକୂଳ ପରିସ୍ଥିତିକୁ । ତଥାପି ନିଜର ଅଦମ୍ୟ ଉତ୍ସାହ ଦ୍ୱାରା କେବେବି ହାରି ନ ଯାଉଥିଲେ । ଜୀବନ ସଂଘର୍ଷରେ ଏକ ବୀର ଯୋଦ୍ଧାପରି ସ୍ୱାଧୀନତା ସଂଗ୍ରାମରେ ଦୃଢ଼ତାର ସହ ସାମ୍ନା କରିଥିଲେ ବାରମ୍ବାର । ଅନେକ ବାର ଇଂରେଜ ସରକାରଙ୍କ ବିରୋଧର ଶୀକାର ହୋଇ ବାରମ୍ବାର କାରାବରଣ କରିଥିଲେ, ଅନଶନ ମଧ୍ୟ କରିଥିଲେ କିନ୍ତୁ ଆଦୌ ଥକି ପଡ଼ିନଥିଲେ । ମନରେ କଦାପି କ୍ଳେଶ ନ ଥିଲା । ସତ୍ୟ, ଅହିଂସା, ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଜାତିର ଇତିହାସରେ ଗୌରବମୟ ପୃଷ୍ଠା ମଣ୍ଡନ କରିଥିଲେ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଭାରତକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଆଜି ମଧ୍ୟ ସମଗ୍ର ବିଶ୍ୱରେ ଭାରତବର୍ଷ ଏଭଳି ଏକମାତ୍ର ରାଷ୍ଟ୍ର ଯିଏ ସତ୍ୟକୁ ଏବଂ ଅହିଂସାକୁ ଅସ୍ତ୍ର କରି ସ୍ୱାଧୀନତା ଲାଭ କରିଥିଲା ପିଲାଦିନେ ମା'ଙ୍କର ସତ୍‌ଚରିତ୍ର ମା'ଙ୍କଠାରୁ ବୀର ପୁତ୍ରଙ୍କ କାହାଣୀ, ରାମାୟଣ, ମହାଭାରତ, ନାଟକ ହରିଶ୍ଚନ୍ଦ୍ର ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ବିଭିନ୍ନ ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ ଗାନ୍ଧୀଙ୍କୁ ପ୍ରେରଣା ଦେଇ ମୋହନରୁ ମହାତ୍ମାରେ ପରିଣତ କରିବା ପାଇଁ ଯଥେଷ୍ଟ ଉପାଦେୟ ଥିଲା । ଯୀଶୁଖ୍ରୀଷ୍ଟ, ଥୋରିୟୁ ରସକିନ୍ ବଣ୍ଡ, ଲିଓ ଟଲଷ୍ଟୟ, ଗୋପାଳକୃଷ୍ଣ ଗୋଖେଲ ଥିଲେ ତାଙ୍କର ଆଦର୍ଶ ବ୍ୟକ୍ତିତ୍ୱ । ଗାନ୍ଧୀଙ୍କୁ ତାଙ୍କ ଦର୍ଶନକୁ ସାର୍ବଜନୀନ ସମ୍ମାନ ପ୍ରଦର୍ଶନ କରି ୨୦୦୭ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ ଏକ ପ୍ରସ୍ତାବ କରି ଗାନ୍ଧୀଙ୍କ ଜନ୍ମଦିବସକୁ ଅକ୍ଟୋବର ୨ ତାରିଖକୁ ଆନ୍ତର୍ଜାତୀୟ ଅହିଂସା ଦିବସ ରୂପେ ପାଳନ କରାଯାଉଅଛି । ଗାନ୍ଧୀଙ୍କ ଦ୍ୱାରା କେବଳ ଭାରତୀୟମାନେ ପ୍ରଭାବିତ ହୋଇନାହାଁନ୍ତି, ବିଶ୍ୱର ତୁଙ୍ଗନେତାମାନେ ଯେମିତିକି ଯୁକ୍ତରାଷ୍ଟ୍ର ଆମେରିକାର ମାନବିକ ଅଧିକାରର ପ୍ରବକ୍ତା ମାର୍ଟିନ ଲୁଥରକିଙ୍ଗ୍, ବାରବ ହୁସେନ୍, ଓବାମା, ଦକ୍ଷିଣ ଆଫ୍ରିକାର ତୁଙ୍ଗନେତା ପ୍ରଥମ ରାଷ୍ଟ୍ରପତି ନେଲସନ୍ ମାଣ୍ଡେଲା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ । ଭାରତ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଆନ୍ଦୋଳନ, ଅସହଯୋଗ, ଆଇନ ଅମାନ୍ୟ, ଭାରତଛାଡ଼ ଏହି ତିନୋଟି ଆନ୍ଦୋଳନର ନେତୃତ୍ୱ ନେଇ ସଫଳ ହୋଇଥିଲେ ଗାନ୍ଧୀ । ଏହାପରେ ସାବରମତୀ ଆଶ୍ରମ ସ୍ଥାପନ କରି ସମସ୍ତଙ୍କୁ ଏକତା ସୂତ୍ରରେ ନୀତିନିୟମ, ଆଇନକୁ ଶିକ୍ଷା ଦେବା ପାଇଁ ଚେଷ୍ଟିତ ଥିଲେ ଗାନ୍ଧୀ । ପ୍ରକୃତରେ ମହାତ୍ମା ଗାନ୍ଧୀଙ୍କ ୧୯୧୫ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଗାନ୍ଧିଜୀଙ୍କ ସମଗ୍ର ଜୀବନ ଥିଲା ପ୍ରତ୍ୟେକ ଭାରତୀୟମାନଙ୍କ ପାଇଁ ଉତ୍ସର୍ଗୀକୃତ ଜୀବନ । ଜୀବନର

ସଂଘର୍ଷ, ତ୍ୟାଗ, କାରାବରଣ, ଅସୀମ ତ୍ୟାଗ ନେତୃତ୍ୱ ବଳରେ ଭାରତ ସ୍ୱାଧୀନ ଲାଭ କରିବାକୁ ସକ୍ଷମ ହୋଇଥିଲେ । ସେ ଦିନ ଈଶ୍ୱରଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ, ସତ୍ୟ, ଅହିଂସା, ସତ୍ୟାଗ୍ରହ, ସହିଷ୍ଣୁତା, ପ୍ରେମ, ସଦାଚାର, ବ୍ରହ୍ମଚର୍ଯ୍ୟା, ସ୍ୱଚ୍ଛତା, ଅପରିଗ୍ରହ, ଆତ୍ମିକ, ସମାଜ ଗଠନ, ମାନବ ସେବା ହିଁ ଈଶ୍ୱରଙ୍କ ସେବା ଥିଲା ତାଙ୍କ ଜୀବନଦର୍ଶନର ମାପକାଠି । କେବଳ ସେତିକି ନୁହେଁ । ସେ ବିଶ୍ୱାସ କରିଥିଲେ ଭାରତବର୍ଷର ପ୍ରକୃତ ଆତ୍ମା ରହିଛି ଗ୍ରାମରେ । ଯେ ପର୍ଯ୍ୟନ୍ତ ଗ୍ରାମ ବିକଶିତ ହୋଇନାହିଁ, ସେ ପର୍ଯ୍ୟନ୍ତ ପ୍ରକୃତ ବିକାଶ ଆସିପାରିବ ନାହିଁ । ସେଥିପାଇଁ ସେ କୁଟୀରଶିଳ୍ପର ବିକାଶ ପାଇଁ ସଦାଚେଷ୍ଟିତ ଥିଲେ । ଶିକ୍ଷାରେ ସଂସ୍କାର ପାଇଁ ସେ ମାତୃଭାଷା ମାଧ୍ୟମରେ, ଚରିତ୍ର ଗଠନ ପାଇଁ ଆତ୍ମସଂଯମ, ସ୍ୱାବଲମ୍ବନ ପାଇଁ ଶିକ୍ଷା, ଆଦର୍ଶ ନାଗରିକ ପାଇଁ ଶିକ୍ଷା, ନୈତିକ ଶିକ୍ଷା, ଆତ୍ମିକ ଶିକ୍ଷାକୁ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ସେ ବୁଝିଥିଲେ ଯେ ଏହି ସବୁ ପରିବର୍ତ୍ତନ କେବଳ ଶିକ୍ଷା ମାଧ୍ୟମରେ ହିଁ ହୋଇପାରିବ । ସେ ଆଜି ନାହାଁନ୍ତି ସତ, ମାତ୍ର ଆଜି ତାଙ୍କର ଶିକ୍ଷାଦର୍ଶନ ଓ ଜୀବନଦର୍ଶନ କେବଳ ଭାରତବର୍ଷରେ ନୁହେଁ ସମଗ୍ର ବିଶ୍ୱରେ ଆଦୃତ ହୋଇଛି ।

ସେ ଯେଉଁ ଆଦର୍ଶ ରାଷ୍ଟ୍ରରେ ପରିକଳ୍ପନା କରିଥିଲେ ତାହା ଥିଲା ରାମରାଜ୍ୟ । ଯେଉଁ ରାଜ୍ୟରେ କି ଅସତ୍ୟ, ଅହିଂସାର ପ୍ରଶ୍ନ ନାହିଁ । ଏହିଭଳି ନୀତିଆଦର୍ଶରେ ବନ୍ଧା ଥିଲା ତାଙ୍କ ତ୍ୟାଗପୂତ ଜୀବନ । ସତ୍ୟ, ଅହିଂସା, ସହିଷ୍ଣୁତାକୁ ପାଥେୟ କରି ସେ ତାଙ୍କର ସମଗ୍ର ଜୀବନକୁ ମାନବଜାତିର କଲ୍ୟାଣ ପାଇଁ କରିଥିଲେ ଉତ୍ସର୍ଗ । ସେ ସତ୍ୟାଗ୍ରହ ହେଉ ବା ସ୍ୱଦେଶୀ ଆନ୍ଦୋଳନ ହେଉ ବା ଶାସନର ସଂସ୍କାର ହେଉ, ଆତ୍ମିକ ସମାଜବାଦ ହେଉ ନିଜର ସକାରାତ୍ମକ ଗତିଶୀଳ ଗଠନମୂଳକ ଶକ୍ତିଦ୍ୱାରା ମନ୍ଦବୁଦ୍ଧିକୁ ପରାସ୍ତ କରି ଧ୍ୱଂସ କରି ଘୃଣାକୁ ପ୍ରେମରେ ପରିବର୍ତ୍ତନ କରିଥିଲେ ଗାନ୍ଧୀ । ଗାନ୍ଧୀଙ୍କର ଅହିଂସା ରୂପକ ଅନ୍ତଃଶୁଦ୍ଧତା, ଅନଶନ, ନିର୍ଭିକତା, ଅନାଶକ୍ତି, ଅଧ୍ୟବସାୟ ଦ୍ୱାରା ହିଁ ଓ ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ସେ ମହାତ୍ମା ଗାନ୍ଧୀରେ ପରିଣତ ହୋଇଥିଲେ । ତାଙ୍କ ରାମରାଜ୍ୟର ସ୍ୱପ୍ନ ଏକ ଧାର୍ମିକ ବ୍ୟବସ୍ଥା ନ ଥିଲା । ବରଂ ଥିଲା ଏକ ପ୍ରତୀକଭାବେ ଯାହା ଗୋଟିଏ ସୁନ୍ଦର ସତ୍ୟର ପୃଷ୍ଠଭୂମି ଉପରେ ଥିଲା ଦଣ୍ଡାୟମାନ । ଉଦାରୀକରଣ, ଜଗତୀକରଣ, ସଂସ୍କୃତିକରଣ, ସହରୀକରଣ ଆହ୍ୱାନରେ ଆଜି ମଧ୍ୟ ଗାନ୍ଧୀବାଦର ପ୍ରସଙ୍ଗକୁ ଆମେ ଆପଣେଇବାକୁ ପ୍ରତୀକ୍ଷା ରଖିଛୁ ।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪